ପାଠ-୬

# ରୋଗୀସେବା

**STUDY NOTES**

## MIND MAP



**'ମାନବ ସେବା ହିଁ ମାଧବ ସେବା'** – ଏହି ଉକ୍ତିଟିର ଯଥାର୍ଥତା ରହିଛି । ସେବାଦ୍ୱାରା ମଣିଷ ଆତ୍ମତୃପ୍ତି ଲାଭ କରିବା ସହ ସେବା ପାଉଥିବା ବ୍ୟକ୍ତିର କଲ୍ୟାଣ ପ୍ରାପ୍ତ ହୋଇଥାଏ । ପ୍ରତ୍ୟେକ ଜୀବ ମଧ୍ୟରେ ଭଗବାନଙ୍କ ସତ୍ତା ନିହିତ ଅଛି । ତେଣୁ ସେବକ ଉପରେ ଭଗବାନଙ୍କ ଅପାର ଆଶୀର୍ବାଦ ଝରିପଡେ । ଭଗବାନ ଯେଉଁ ସ୍ଥାନରେ ନଥା'ନ୍ତି ସେଠାରେ ସଇତାନ ରାଜୁତି କରେ । ଅର୍ଥାତ୍ ମନ ମଧ୍ୟକୁ କୁଭାବନା ପ୍ରବେଶ କରି ମନ ଓ ଶରୀରକୁ ଗ୍ରାସ କରେ । ଈର୍ଷା, ଦ୍ୱେଷ, ପରଶ୍ରୀକାତରତା ଆଦି କୁ-ପ୍ରବୃତ୍ତି ମନରେ ଜାଗରିତ ହୁଏ । ସେବାକାର୍ଯ୍ୟରେ ମନୋନିବେଶ କରୁଥିବା ବ୍ୟକ୍ତି ମଧ୍ୟକୁ ଏପରି ଭାବନା ପ୍ରବେଶ କରିପାରେ ନାହିଁ । ଶାସ୍ତ୍ର ପୁରାଣାଦିରେ ସେବାର ମହତ୍ତ୍ୱ ସଂପର୍କରେ ବହୁଳଭାବେ ବର୍ଣ୍ଣନା କରାଯାଇଛି । ସେହି ସେବା ମାଧ୍ୟମରେ ମନୁଷ୍ୟ ପିତା-ମାତା, ଗୁରୁ-ଗୁରୁଜନଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ । ସେବାକାର୍ଯ୍ୟ ପ୍ରତି ବୀତସ୍ପୃହ ବ୍ୟକ୍ତିର ଅନ୍ତର କର୍କଶତାରେ ଭରିଯାଏ ଯେଉଁଠାରେ କି ଆସୁରିକ ପ୍ରବୃତ୍ତି ଜନ୍ମନିଏ । ଗାନ୍ଧି, ଗୋପବନ୍ଧୁ, ମଦର ଟେରେସା ଆଦି ମହାମନୀଷୀମାନେ ସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ଜୀବନକୁ ଧନ୍ୟ କରିପାରିଛନ୍ତି । ପୁରାଣରୁ ଆମେ ଆରୁଣି, ଉପମନ୍ୟୁ ଓ ଏକଲବ୍ୟଙ୍କ କଥା ଶୁଣିଛେ । ତେଣୁ ସେହି ମହନୀୟ ଆଦର୍ଶର ଅନୁଗାମୀ ହେବା ସର୍ବାଦୌ ଉଚିତ୍ । ସେମାନଙ୍କ ଭଳି ମାନବ ସେବାରେ ନିଜକୁ ନିୟୋଜିତ କରି ଭଗବାନଙ୍କ କରୁଣାରେ ନିଜ ଚଲାପଥକୁ କୁସୁମିତ କରିବା ସମସ୍ତଙ୍କ ଲକ୍ଷ୍ୟ ହେବା ବିଧେୟ ।

ODM EDUCATIONAL GROUP Changing your Tomorrow